# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 May - 2026**

**********************************

## ମୁଖ୍ୟ ସମ୍ବାଦ

- ମୌସୁମୀ ଓ ଅଣମୌସୁମୀ ଋତୁରେ ମହାନଦୀରେ ଜଳପ୍ରବାହ ନେଇ ଟ୍ରିବ୍ୟୁନାଲକୁ ଅବଗତ କରାଇଲେ ଓଡ଼ିଶା ଓ ଛତିଶଗଡ଼ । ଚଳିତ ମାସ ୩୦ ତାରିଖରେ ପରବର୍ତ୍ତୀ ଶୁଣାଣି ।
- ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ଆଉକିଛି ସମୟ ପରେ ପ୍ରକାଶ ପାଇବ ।
- ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଦୁଇଦିନିଆ ପ୍ରଜ୍ଞାପ୍ରେରଣା କର୍ମଶାଳା ।

ଏବଂ

- ବିପର୍ଯ୍ୟୟ ସତର୍କତା ନେଇ ଦେଶବାସୀଙ୍କୁ ତ୍ୱରିତ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ 'ସେଲ୍ ପ୍ରସାରଣ ବ୍ୟବସ୍ଥା'ର ପରୀକ୍ଷା ।

Desk

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦ ମାମଲାରେ ଆଜି ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଉଭୟ ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ମୌସୁମୀ ଓ ଅଣମୌସୁମୀ ଋତୁରେ ଜଳପ୍ରବାହ ନେଇ ଅବଗତ କରାଇଛନ୍ତି। ଉଭୟପକ୍ଷ ମଧ୍ୟରେ ଆପୋଷ ବୁଝାମଣା ନେଇ ବୈଷୟିକ ସ୍ତରରେ ଆଲୋଚନା କରାଯିବାକୁ ଟ୍ରିବ୍ୟୁନାଲଙ୍କୁ ସୂଚନା ଦିଆଯାଇଛି। ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତ ମାସ ୩୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

Desk

## ମାଟ୍ରିକ ପରୀକ୍ଷା ଫଳ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ଅପରାହ୍ଣରେ ପ୍ରକାଶ ପାଇବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମାଟ୍ରିକ୍ ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାଫଳ ମଧ୍ୟ ଆଜି ପ୍ରକାଶ ପାଇବ। ପ୍ରାୟ ୫ ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ଚଳିତ ଥର ଛାତ୍ରଛାତ୍ରୀମାନେ ମାଟ୍ରିକ ସାର୍ଟିଫିକେଟ ଆସନ୍ତା ସୋମବାର ଠାରୁ

ୱେବସାଇଟ୍‌ରୁ ଡାଉନଲୋଡ କରିପାରିବେ ଓ ଏକମାସ ମଧ୍ୟରେ ବିଦ୍ୟାଳୟରୁ ପ୍ରମାଣପତ୍ରର ହାର୍ଡକପି ନେଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

**- V/O -**

ଛାତ୍ରଛାତ୍ରୀମାନେ ଏସ୍‌ଏମ୍‌ଏସ୍ ଜରିଆରେ ପରୀକ୍ଷା ଫଳ ଜାଣିପାରିବେ। ମୋବାଇଲର ମେସେଜ୍ ବକ୍ସରେ **OR10** ଓ ତା'ପରେ ନିଜ ରୋଲ ନମ୍ବର ଲେଖି **5676750**କୁ ପଠାଇଲେ ପରୀକ୍ଷାଫଳ ଜାଣିପାରିବେ। ସନ୍ଧ୍ୟା ୬ଟା ପରଠାରୁ ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍ **bseodisha.ac.in** ଓ **bseodisha.nic.in**ରେ ପରୀକ୍ଷା ଫଳ ଦେଖିପାରିବେ। ଚଳିତବର୍ଷ ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀମାନେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମାଟ୍ରିକ୍ ସାର୍ଟିଫିକେଟ୍ ପାଇବେ।

ଅନ୍ୟପକ୍ଷରେ ଯୁକ୍ତ ଦୁଇ ପରୀକ୍ଷାଫଳ ଚଳିତ ମାସ ତୃତୀୟ ସପ୍ତାହରେ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟନନ୍ଦ ଗଣ୍ଡ  କହିଛନ୍ତି । ଚଳିତବର୍ଷ ଫେବୃୟାରୀ ମାସ ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୮ ତାରିଖରେ ଶେଷ ହୋଇଥିଲା ।  ୪ ଲକ୍ଷ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

Desk

# ପ୍ରଜ୍ଞାପ୍ରେରଣା କର୍ମଶାଳା

ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କର୍ମଶାଳା ଆଜି ଆରମ୍ଭ ହୋଇଛି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାର ପ୍ରଥମ ଦିନରେ ପ୍ରଜ୍ଞାପ୍ରେରଣା କର୍ମଶାଳା ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ଆଜି ଅଗ୍ରଣୀ ରାଜ୍ୟ ଭାବେ ବୈପ୍ଲବିକ ପରିବର୍ତ୍ତନ ଆଣିଛି । ଶ୍ରୀ ମାଝୀ କହିଛନ୍ତି, ଏହି କର୍ମଶାଳା ହେଉଛି ଏକ ମୌଳିକ ପ୍ଲାଟଫର୍ମ, ଯେଉଁଠି ଦେଶର ଶ୍ରେଷ୍ଠ ଶିକ୍ଷାବିତ୍ ଓ ନୀତିନିର୍ଦ୍ଧାରକମାନେ ଏକାଠି ହୋଇ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷିତ ଭବିଷ୍ୟତ ନିର୍ଦ୍ଧାରଣ କରିବା ଦିଗରେ ଉଦ୍ୟମ କରୁଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଜ୍ଞାନଭୂମି ଭାବରେ ଓଡ଼ିଶା ଅନାଦି କାଳରୁ ସାରା ବିଶ୍ୱକୁ ପଥପ୍ରଦର୍ଶନ କରିଛି ବୋଲି କହିଛନ୍ତି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ନୌବାଣିଜ୍ୟ, କୃଷି, ମନ୍ଦିର, କଳା, ସାହିତ୍ୟ ଓ ସୁସଂସ୍କୃତି ସେ ସମୟର ଶିକ୍ଷାର ନିଦର୍ଶନ ।

ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ରାଜ୍ୟର ଯେଉଁ ଉପାନ୍ତ ଏବଂ ଦୂରାନ୍ତ ଅଞ୍ଚଳର ବ୍ଲକଗୁଡ଼ିକରେ ଉଚ୍ଚଶିକ୍ଷା ବ୍ୟବସ୍ଥା ନ ଥିଲା, ସେହିଭଳି ୧୮ଟି ବ୍ଲକରେ ସରକାରୀ ମହାବିଦ୍ୟାଳୟ ଖୋଲାଯାଇଛି। ସେ କହିଛନ୍ତି ବାମପନ୍ଥୀ ପ୍ରଭାବିତ ଅଞ୍ଚଳରେ ଗ୍ରାମୋଦ୍ୟୋଗ ଯୋଜନା ମାଧମରେ ଶିକ୍ଷାର ବିସ୍ତାର କରାଯାଇଛି।

**- V/O –**

Desk

# ଗଭ୍- ଆଲର୍ଟ ସିଷ୍ଟମ୍

ବିପର୍ଯ୍ୟୟ ସତର୍କତା ନେଇ ଦେଶବାସୀଙ୍କୁ ତ୍ୱରିତ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଯୁକ୍ତିବିଦ୍ୟା ଆଧାରରେ ସେଲ୍ ପ୍ରସାରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ପଦକ୍ଷେପ ଅଧୀନରେ ପରୀକ୍ଷାମୂଳକ ଭାବେ ଆଜି ମଧ୍ୟାହ୍ନ ସମୟରେ ନାଗରିକଙ୍କ ମୋବାଇଲ୍‌କୁ ସାଇରନ୍ ସତର୍କତା ସହିତ ସୂଚନା ପ୍ରଦାନ କରାଯାଇଛି। ପରୀକ୍ଷଣ ବ୍ୟବସ୍ଥାରେ ପ୍ରଦର୍ଶିତ ବାର୍ତ୍ତାରେ କୁହାଯାଇଛି –ସତର୍କ ରୁହନ୍ତୁ, ସୁରକ୍ଷିତ ଦେଶ ଏବଂ ବାର୍ତ୍ତା ପାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ନାହିଁ। ଏହା ଏକ ପରୀକ୍ଷାମୂଳକ ବାର୍ତ୍ତା ବୋଲି ସେଥିରେ ଉଲ୍ଲେଖ ରହିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଏହି

ବାର୍ତ୍ତା ପାଉଥିବା ନାଗରିକ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରଯୁକ୍ତିବିଦ୍ୟା ଆଧାରିତ ମୋବାଇଲ୍ ମାଧ୍ୟମରେ ପରୀକ୍ଷାମୂଳକ ଭାବେ ବିପର୍ଯ୍ୟୟ ସତର୍କତା ନେଇ ଏଭଳି ବାର୍ତ୍ତା ପ୍ରଦାନ କରାଯାଉଛି। ଦୂରସଂଚାର ବିଭାଗ ଦ୍ୱାରା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ବ୍ୟବସ୍ଥାର ବିକାଶ କରାଯାଇଛି।

ଶ୍ରୀ ସିନ୍ଧିଆ କହିଛନ୍ତି, ଭବିଷ୍ୟତରେ ଏହିଭଳି ଉପାୟରେ ନାଗରିକଙ୍କୁ ବିପର୍ଯ୍ୟୟ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଭାଷାରେ ସୂଚନା ପ୍ରଦାନ କରାଯାଇପାରିବ ।

Desk

## ବନ୍ୟା, ବାତ୍ୟାର ମୁକାବିଲା

ରାଜ୍ୟ ସରକାର ବନ୍ୟା, ବାତ୍ୟାର ମୁକାବିଲା ଲାଗି ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଓଡ଼ିଶା ହେଉଛି ବାତ୍ୟା, ବନ୍ୟା ଏବଂ ଗ୍ରୀଷ୍ମପ୍ରବଣ ରାଜ୍ୟ। ଚଳିତ ମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ଲଘୁଚାପ ନେଇ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ଆକଳନ କରିଥିବା ପରିପ୍ରେକ୍ଷୀରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଏପ୍ରିଲ ମାସରେ ଝଡ଼ ହେବା ଏବଂ ମେ' ମାସରେ ବାତ୍ୟା ହେବାର ସମ୍ଭାବନା ଥାଏ। ତେବେ ଏସବୁର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା ସେ କହିଛନ୍ତି। ତେବେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଲଘୁଚାପ ନେଇ କୌଣସି ସୂଚନା ମିଳିନାହିଁ।

Desk

## କଟକ ଚଣ୍ଡୀମନ୍ଦିର ଉନ୍ନତିକରଣ

କଟକ ଚଣ୍ଡୀମନ୍ଦିର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲାଗି ଶ୍ରୀ ମହତାବ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମନ୍ଦିରର ମୁଖ୍ୟଦ୍ୱାରରେ ପିତ୍ତଳ କବାଟ ଲଗାଯିବା ସହ ଅନ୍ୟ ତିନୋଟି ଦ୍ୱାରରେ ଭକ୍ତଙ୍କ ଅନୁଦାନରେ କାଠ କବାଟ ଲଗାଯିବା ପରେ ମନ୍ଦିରରେ ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ହେବ ବୋଲି ସାଂସଦ ଶ୍ରୀ ମହତାବ କହିଛନ୍ତି।

Nuapada

## ନିର୍ବାହୀ ଅଧିକାରୀଙ୍କୁ ଜୋରିମାନା

ସୂଚନା ଅଧିକାର ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ସୂଚନା ଦେବାରେ ଅବମାନନା ଅଭିଯୋଗରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କୁ ୫ ହଜାର ଟଙ୍କା ଜୋରିମାନା ଦେବାଲାଗି ନିର୍ଦ୍ଦେଶ ଦିଆଯାଇଛି। ଖଡ଼ିଆଳର ୧୩ ନମ୍ବର ୱାର୍ଡର ଜଣେ ନିବାସୀ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ ମଧ୍ୟ ନିର୍ବାହୀ ଅଧିକାରୀ ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଥିଲେ। କମିଶନଙ୍କ ପକ୍ଷରୁ ଏ ନେଇ ଶୁଣାଣି ପରେ ଜୋରିମାନା ଦଣ୍ଡାଦେଶ ହୋଇଥିବା ଜଣାପଡ଼ିଛି।

Bhadrak

## ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଧାମନଗର, ବାସୁଦେବପୁର ଓ ଚାନ୍ଦବାଲିଠାରେ ତାଲୁକସ୍ତରୀୟ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା ଓ ଅନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ସମାଜରେ ସ୍ୱେଚ୍ଛାସେବୀର ଭୂମିକା ଉପରେ ଆଲୋଚନା କରିଥିଲେ । ସ୍ୱେଚ୍ଛାସେବୀମାନେ ଗରିବ ଓ ଅବହେଳିତ ଲୋକଙ୍କ ପାଖରେ ପହଞ୍ଚି ବିଭିନ୍ନ ମାମଲାର ସମାଧାନରେ ସାହାଯ୍ୟ କରିବା ଉପରେ ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା ।

Dhenkanal

## ସିଏମ୍ ଟ୍ରଫି ପ୍ରତିଯୋଗିତା

ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା ସିଏମ୍ ଟ୍ରଫି ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି । କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ାସଂଘର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ଗତ ମାସ ୧୮ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଆଜିର ଉଦ୍‌ଯାପନୀ ଉତ୍ସବରେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ଅଧିକ ମଜଭୁତ୍ କରିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହି ପ୍ରତିଯୋଗିତାରେ ୮ଟି ବ୍ଲକରେ କବାଡ଼ି, ଖୋଖୋ ଓ ଭଲିବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

Desk

# ପାଣିପାଗ

ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର  ସୂଚନା ଅନୁସାରେ  ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ଗଜପତି ଓ ରାୟଗଡା ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଝଡତୋଫାନ ଓ ବର୍ଷାର ଅନୁମାନ କରାଯାଇଛି। କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ପ୍ରାୟ ସବୁ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। ଗତକାଲି ରାଜ୍ୟରେ ସର୍ବାଧିକ ତାପମାତ୍ରା ମାଲକାନଗିରିରେ ୪୦ଦଶମିକ ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ବିଗତ ୨୪ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲା ଚକାପାଦରେ ସର୍ବାଧିକ ୭୬ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।